# ଡ. ଧରଣୀଧର ପାଣିଗ୍ରାହୀ

ଜନ୍ମ:( ୧୯୩୭-   ) ମସିହା

ଡକ୍ଟର ଧରଣୀଧର ପାଣିଗ୍ରାହୀ ଓଡ଼ିଆ ସାହିତ୍ୟର ଜଣେ ବର୍ଣ୍ଣାଢ଼୍ୟ ପ୍ରତିଭା । ଏକାଧାରରେ ସେ ଜଣେ କବି, ଲେଖକ, ପ୍ରାବନ୍ଧିକ, ସ୍ତମ୍ଭକାର, ଅନୁବାଦକ ଓ ବିଶିଷ୍ଟ ଅର୍ଥନୀତିଜ୍ଞ । ବହୁ ପାଠକୀୟ ପୁସ୍ତକ ପ୍ରଣୟନ ସହ ଦୈନିକ ସମ୍ବାଦପତ୍ର ଓ ପତ୍ରପତ୍ରିକା ମାନଙ୍କରେ ବିଗତ ଅର୍ଦ୍ଧ ଶତାବ୍ଦୀ ଧରି  ପ୍ରକାଶ ପାଇଆସୁଥିବା ମନନଶୀଳ ନିବନ୍ଧ ଓ ସ୍ତମ୍ଭଲେଖ ପାଇଁ ତାଙ୍କୁ ମିଳିଛି ବିପୁଳ ପାଠକୀୟ ଶ୍ରଦ୍ଧା । ଶ୍ରୀ ପାଣିଗ୍ରାହୀ ଶ୍ରେଷ୍ଠ ଅନୁବାଦ ସାହିତ୍ୟ ନିମିତ୍ତ ୨୦୦୯ ମସିହାରେ କେନ୍ଦ୍ର ସାହିତ୍ୟ ଆକାଡ଼େମୀ ପୁରସ୍କାର ଲାଭ କରିଛନ୍ତି । ତାଙ୍କ ରଚିତ ପୁସ୍ତକ ସମ୍ପର୍କରେ-

**ପୁସ୍ତକ - ସନ୍ଥ ବିଭୁତି, ଜୀବନ-ମୃତ୍ୟୁ ଦର୍ଶନ, ଆଞ୍ଜେନେୟ, ଶ୍ରୀମୟୀ ବୈଷ୍ଣୋଦେବୀ, ଭାରତ ବିକାଶ ପରିକ୍ରମା ଏବଂ ନିର୍ବାସିତର ଆତ୍ମକଥା**

**ସନ୍ଥ ବିଭୂତି ,** ପୃଷ୍ଠା-୩୧୨, ପ୍ରକାଶକାଳ-୨୦୦୮, ତୃତୀୟ ସଂସ୍କରଣ-୨୦୧୦, ମୂଲ୍ୟ:ଟ.୧୫୦/-

ଏ ବିଶ୍ୱ ସର୍ଜନାରେ କିଛି ମଣିଷଙ୍କ ମଧ୍ୟରେ ଏକ ରହସ୍ୟମୟ ଅଲୌକିକ ସତ୍ତାର ପରିପ୍ରକାଶ ଘଟେ । ଖେଳାଲୀଳା ପାଇଁ ସେମାନେ କିଛିକାଳ ପାର୍ଥିବ ଜଗତରେ ଅବତୀର୍ଣ୍ଣ ହୋଇ ମାନବ ଜାତିକୁ ମୁକ୍ତିର ପଥ ଦେଖାଇଥାନ୍ତି । ଦେଇଥାନ୍ତି ଆଲୋକର ସନ୍ଧାନ। ଶିରିଡ଼ିର ଅନନ୍ୟ ସନ୍ଥ, ଅଗଣିତ ଭକ୍ତ ସମାଜର ପରମ ଶ୍ରଦ୍ଧେୟ, ପରମ ପୂଜନୀୟ ଶ୍ରୀ ସାଇବାବା ସେହି ପୂଣ୍ୟ ପୁରୁଷମାନଙ୍କ ମଧ୍ୟରେ ଥିଲେ ଅନ୍ୟତମ ବିଭୁ-ବିଭୂତିମୟ ଦେବସତ୍ତା । କୁହାଯାଉଛି, ସେ ଥିଲେ ଜଣେ "ଆଦର୍ଶ ସୁଫି' ଓ ଜଣେ "ପରମ ଭାଗବତ' । ଏହି ଦ୍ୱୈତ ଭୂମିକାରେ ସେ ଭାରତର ଦୁଇ ପ୍ରଧାନ ପରମ୍ପରା- ଇସ୍‌ଲାମ ଓ ହିନ୍ଦୁତ୍ୱର ମଣିକାଞ୍ଚନ ସଂଯୋଗ ଘଟାଇଛନ୍ତି ଏବଂ ଜଣେ ଆତ୍ମସାକ୍ଷାତକାର ଲାଭ କରିଥିବା ପୁଣ୍ୟପୁରୁଷ ଓ ଅନୁପମ ବାର୍ତ୍ତାବହର ଭୂମିକା ନିଭାଇଛନ୍ତି । ଆଜି ସେ ଜଣେ ମହାନ୍ ଭାରତୀୟ ସନ୍ଥରେ ପରିଣତ ହୋଇସାରିଛନ୍ତି । ତାଙ୍କରି ଅଲୌକିକ ଜୀବନ-କାହାଣୀ ଓ ଅଲୌକିକ ଲୀଳାର ଜୀବନ୍ତ ବର୍ଣ୍ଣନାରେ ମୁଖରିତ "ସନ୍ଥ ବିଭୂତି' ।

**ଜୀବନ-ମୃତ୍ୟୁ ଦର୍ଶନ,** ପୃଷ୍ଠା- ୩୫୦, ପ୍ରକାଶକାଳ- ୨୦୧୦, ମୂଲ୍ୟ: ଟ. ୩୦୦/-

ଜନ୍ମ ଓ ମୃତ୍ୟୁ ଜୀବନର ଦୁଇଟି ସାଧାରଣ ଘଟଣା । ଆଧୁନିକ ଯୁଗର ମଣିଷ ଜନ୍ମ ରହସ୍ୟ ଭେଦ କରପାରିଛି, କିନ୍ତୁ ମୃତ୍ୟୁ ରହସ୍ୟ ଭେଦ କରିବାରେ ସଫଳ ହୋଇପାରିନାହିଁ । ଫଳରେ, ମୃତ୍ୟୁକୁ ସ୍ୱାଗତ କରିବା ପାଇଁ ସେ ନିଜକୁ ପ୍ରସ୍ତୁତ କରିପାରୁନାହିଁ । ମୃତ୍ୟୁ ଏକ ଜୀବନଧାରା, ଅଭିବୃଦ୍ଧି ପ୍ରକ୍ରିୟାରେ ଘଟୁଥିବା ଅନ୍ୟ ଯେକୌଣସି ପରିବର୍ତ୍ତନ ପରି ଏହା ଏକ ଅଲଂଘ୍ୟ ପରିବର୍ତ୍ତନ । ମଣିଷ ଯଦି ମୃତ୍ୟୁ ରହସ୍ୟ କରିପାରନ୍ତା ସେ ନିଜକୁ କେବେ ନିଃସଙ୍ଗ ମନେ କରନ୍ତାନାହିଁ । ମୃତ୍ୟୁ ଭୟରୁ ମୁକ୍ତି ପାଇବା ପାଇଁ ଆଧୁନିକ ମଣିଷ କାହିଁକି ଭିନ୍ନ ଦିଶା, ଭିନ୍ନ ପଦ୍ଧତି ଓ ଭିନ୍ନ ପଥର ସନ୍ଧାନ କରୁନାହିଁ, ତାହା ସର୍ବାଦୌ ବିଚାର୍ଯ୍ୟ ।

ଜନ୍ମ-ମୃତ୍ୟୁର ସେପାରେ ଆଉ ଗୋଟିଏ ଜୀବନ ରହିଥିବାର ବିଶ୍ୱାସ ମଣିଷକୁ ଅସ୍ଥିର କରି ରଖିଛି । ସେ ଜୀବନ ପ୍ରକୃତରେ କି ପ୍ରକାରର ଓ କାହାର ? ମାଟିପିଣ୍ଡ ବ୍ୟତୀତ ଆଉ କିଛି ନିଶ୍ଚୟ ଅଛି । ତାହା ଜୀବାତ୍ମା । ଏହି ଜୀବାତ୍ମାର ପ୍ରକୃତି କ'ଣ ? ଏହାର ପ୍ରବେଶ ଓ ପ୍ରସ୍ଥାନର ସମୟ କ'ଣ ଏବଂ ମୃତ୍ୟୁ ପରେ ଏହାର ସ୍ଥିତି କ'ଣ ? ମଣିଷ ଏ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜି ଚାଲିଛି ଏବଂ ପୃଥିବୀର ସମସ୍ତ ବଡ଼ ବଡ଼ ଧର୍ମ ଏହି ପ୍ରଶ୍ନଗୁଡ଼ିକୁ ହିଁ ନିଜ ନିଜ ବାଟରେ ଉତ୍ତର ଦେବାର ପ୍ରୟାସ କରିଛନ୍ତି । ଜୀବନ ଓ ମୃତ୍ୟୁ ଅନୁଭୂତିକୁ ଆହୁରି ସରଳଭାବେ ବୁଝିବାପାଇଁ ଏହି ଗ୍ରନ୍ଥର ଭୂମିକା ହେବ ଏକ ଚମତ୍କାର ଦିଗ୍‌ବାରେଣୀ ।

**ଆଞ୍ଜେନେୟ,** ପୃଷ୍ଠା- ୨୩୧, ପ୍ରକାଶକାଳ-୨୦୦୬, ଦ୍ୱିତୀୟ ସଂସ୍କରଣ-୨୦୦୯, ମୂଲ୍ୟ: ଟ.୯୦/-

ଭକ୍ତ ଶିରୋମଣି ପବନକୁମାର ହନୁମାନ ଏକ ଚିରନ୍ତନ ଶାଶ୍ୱତ ସ୍ରୋତର ବାହକ ରୂପେ ସନାତନ ଧର୍ମର ପ୍ରାଣ ପ୍ରତିଷ୍ଠା ନିମିତ୍ତ ନିଜକୁ ଉତ୍ସର୍ଗ କରିବା ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତିକୁ ବିବିଧମତେ ଉନ୍ନତ, ଉର୍ବର, ରସାଳ, ରୁଦ୍ଧିମନ୍ତ ଓ ରୁଚିମନ୍ତ କରିଯାଇଛନ୍ତି । ମହର୍ଷି ବାଲ୍ମିକୀଙ୍କ ରାମାୟଣରେ ହନୁମାନଙ୍କୁ ଜଣେ ଆଦର୍ଶ ବ୍ରହ୍ମଚାରୀ, ଶ୍ରେଷ୍ଠ ବୀର, ଅଦ୍ଭୁତ ପରାକ୍ରମଶାଳୀ, ବୁଦ୍ଧିମାନ, ଅନନ୍ୟ ପ୍ରଭୁଭକ୍ତ, ମହାନ୍ ସାଧକ ଇତ୍ୟାଦି ସର୍ବଗୁଣ ସମ୍ପନ୍ନ ଚରିତ୍ର ରୂପେ ଚିତ୍ରଣ କରିଛନ୍ତି । ଆମ ସମାଜରେ ବୈଦିକ ଯୁଗରୁ ହନୁମାନଙ୍କ ପ୍ରଭାବ, ପ୍ରତିପତ୍ତି ଓ ପ୍ରତିଷ୍ଠାର ଆଭାସ ଦେଖିବାକୁ ମିଳେ । ବିଶିଷ୍ଟ ଆର୍ଯ୍ୟ ଦେବଦେବୀମାନଙ୍କ ମଧ୍ୟରେ ତାଙ୍କ ଆସନ ସ୍ୱୀକୃତ ହୋଇଆସିଛି ।

ହନୁମାନ ଅତୀତ ବା ଇତିହାସର କାହାଣୀ ନୁହଁନ୍ତି । ସେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ–ତ୍ରିକାଳରେ ସର୍ବତ୍ର ସର୍ବଦା ବିଦ୍ୟାମାନ । ପୃଥିବୀର ସାତଜଣ ଶ୍ରେଷ୍ଠ ବୀରଙ୍କ ମଧ୍ୟରେ ସେ ଅନ୍ୟତମ । ବିଚିତ୍ର ଓ ଅଦ୍ଭୁତ ତାଙ୍କର ବ୍ୟକ୍ତିତ୍ୱ । ସେ ବଜ୍ରଠାରୁ କଠିନ ଓ କୁସୁମଠାରୁ କୋମଳ । ହନୁମାନଙ୍କ ସାଧ୍ୟାତୀତ କାର୍ଯ୍ୟ ସଂସାରରେ କିଛିନାହିଁ । ସେ ସଙ୍କଟମୋଚନ । ସଂକଟକାଳରେ ତାଙ୍କୁ ମନଯୋଗପୂର୍ବକ ଧ୍ୟାନ କଲେ ସବୁ ଦୂରିତ ନାଶ ହୁଏ । ଗୋସ୍ୱାମୀ ତୁଳସୀଙ୍କ ଭାଷାରେ–

''ସଙ୍କଟ ତେ ହନୁମାନ ଛୁଡ଼ାୱେ
ମନ କ୍ରମ ବଚନ ଧ୍ୟାନ ଜୋ ଲାୱେ ।''

ହନୁମାନ ଜ୍ଞାନୀଗଣାଗ୍ରଗଣ୍ୟ । ତାଙ୍କ ବ୍ୟକ୍ତିତ୍ୱ ବହୁଧା ଓ ପ୍ରତିଭା ବହୁମୁଖୀ । ସେ ପ୍ରଭୁ ରାମଚନ୍ଦ୍ରଙ୍କର ଶ୍ରେଷ୍ଠ ଭକ୍ତ । ଭଗବାନ ଶଙ୍କରଙ୍କର ଏକାଦଶ ଅବତାର ରୂପେ ପରିଚିତ ହନୁମାନଙ୍କ ବ୍ୟକ୍ତିତ୍ୱ ଓ ପ୍ରତିଭା ଅବର୍ଣ୍ଣନୀୟ । ସେହି ଚିରଞ୍ଜିବୀ ମହାନ୍ ଚରିତ୍ରର ରାମାୟଣ ବର୍ଣ୍ଣିତ ଜୀବନ କାହାଣୀର ରସୋତୀର୍ଣ୍ଣ ଔପନ୍ୟାସିକ ରୂପ " "ଆଞ୍ଜନେୟ''।

**ଶ୍ରୀମୟୀ ବୈଷ୍ଣୋଦେବୀ,** ପୃଷ୍ଠା- ୧୬୮, ପ୍ରକାଶକାଳ- ୨୦୧୦, ମୂଲ୍ୟ: ଟ.୧୫୦/-

ଜମ୍ମୁର ତ୍ରିକୂଟ ପର୍ବତ ଶୃଙ୍ଗରେ ବିରାଜିତ ଜଗଜ୍ଜନନୀ ମାତା ବୈଷ୍ଣୋଦେବୀ ବିଶ୍ୱବନ୍ଦ୍ୟା । ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ତାଙ୍କ ଡାକରେ ଅସ୍ଥିର ହୋଇପଡ଼େ । ତାଙ୍କର ଗୌରବଗାନ କରୁଥିବା "ଜୟ ମାତା ଦୀ' ଶବ୍ଦରେ ଆକାଶ ପବନ ପ୍ରକମ୍ପିତ ହୁଏ । ବର୍ଷର ସବୁ ଋତୁରେ ତାଙ୍କ ପୀଠରେ ଘଟିଥାଏ ଭକ୍ତମାନଙ୍କର ବିପୁଳ ସମାଗମ । ଦିବ୍ୟ ଜନନୀଙ୍କୁ ଦର୍ଶନ କରିବାର ଦୁର୍ବାର ଆଶା ଭକ୍ତ ହୃଦୟରୁ ଯାତ୍ରା ପଥର କ୍ଲେଶ ଓ କ୍ଳାନ୍ତିକୁ ପୋଛି ପକାଏ । ଭକ୍ତମାନଙ୍କର ଆଖିରୁ ବହିଯାଏ ଆନନ୍ଦାଶ୍ରୁର ଧାରା ଏବଂ ମନରେ ସୃଷ୍ଟି ହୁଏ ଅପୂର୍ବ ଶିହରଣ । ଦିବ୍ୟ ଜନନୀଙ୍କ ଆଶିଷ ଲାଭ ପାଇଁ ତାଙ୍କ ବାସସ୍ଥଳୀରେ ପହଞ୍ଚିବାକୁ ଭକ୍ତଜନମାନେ ବ୍ୟଗ୍ର ।

ବୈଷ୍ଣୋଦେବୀ ଯାତ୍ରାରେ ଯାତ୍ରା ପଥର ଆକର୍ଷଣ, ଦେବୀ ମାତାଙ୍କ ଅଲୌକିକ କାହାଣୀ, ବୈଷ୍ଣୋ-ଲୀଳାମୃତ ଓ ପିଣ୍ଡି-ଦର୍ଶନ ଆଦିର ରୋମାଞ୍ଚକର ବିବରଣୀ "ଶ୍ରୀମୟୀ ବୈଷ୍ଣୋଦେବୀ' ର ଲିପିବଦ୍ଧ କାହାଣୀ ।

**"ଭାରତ ବିକାଶ ପରିକ୍ରମା'',** ପୃଷ୍ଠା- ୩୧୨, ପ୍ରକାଶକାଳ- ୨୦୧୧, ମୂଲ୍ୟ:୨୪୦/-

ସ୍ୱାଧୀନ ଭାରତର ନବ ନିର୍ମାଣ ଯୁଗର ଛଅ ଦଶନ୍ଧି ବିତିଯାଇ ସାରିଲାଣି । ଦଶଗୋଟି ପଞ୍ଚବାର୍ଷିକ ଯୋଜନା ଓ ତିନିଗୋଟି ବାର୍ଷିକ ଯୋଜନାକୁ ଦେଶରେ କାର୍ଯ୍ୟକାରୀ କରାଯାଇସାରିଛି । ବିକାଶକ୍ରମରେ ସ୍ୱଳ୍ପକାଳ ପାଇଁ ଯୋଜନା-ଅବକାଶ-କାଳ ବି ଆସିଛି । ଭାରତ ବିକାଶର ଏହି ଗୌରବମୟ ଯାତ୍ରା ପଥରେ ରହିଛି ଅନେକ ସଫଳତା ଓ ବିଫଳତାର କାହାଣୀ । ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଆମ ସଫଳତା ଓ ବ୍ୟର୍ଥତାର ଧାରାବାହିକ ମୂଲ୍ୟାୟନ କରାଯାଉଛି । ତାହା ଆମ ଅଗ୍ରସରତାର କୃତି ଓ ଅନଗ୍ରସତାର ଗ୍ଲାନି ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଏ । ଦୋଷତୃଟି ସଂଶୋଧନ କରି ପୁଣି ପ୍ରଗତି ପଥରେ ଆଗେଇ ଯିବାପାଇଁ ଆମେ ସଂକଳ୍ପ କରୁ ଏବଂ ପ୍ରଗତିର ଚକ ଆଗକୁ ଗଡ଼ିଚାଲେ ।

"ଭାରତ ବିକାଶ ପରିକ୍ରମା' ଛଅ ଦଶନ୍ଧିର ସଫଳ ବିକାଶ କାହାଣୀକୁ ଉପସ୍ଥାପିତ କରିବା ସଙ୍ଗେ ସଙ୍ଗେ ପ୍ରଗତି ପଥରେ ଜାତୀୟ ବ୍ୟର୍ଥତାର ଅସଫଳ କାହାଣୀକୁ ଲିପିବଦ୍ଧ କରିଛି । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ରହିଥିବା ଦୋଷ ଦୁର୍ବଳତା ସର୍ମ୍ପକରେ ଗଣସଚେତନତା ସୃଷ୍ଟି କରି ସେଗୁଡ଼ିକରେ ଆବଶ୍ୟକୀୟ ସଂଶୋଧନ ଆଣିବା ଏହି ସମୀକ୍ଷାର ମୂଳଲକ୍ଷ୍ୟ ।

**ନିର୍ବାସିତର ଆତ୍ମକଥା,** ପୃଷ୍ଠା- ୪୨୦, ପ୍ରକାଶକାଳ- ୨୦୧୧, ମୂଲ୍ୟ:୩୫୦/-

''ନିର୍ବାସିତର ଆତ୍ମକଥା'' (Freedom in Exile- Autobiograpy of Dalailama) ର ଓଡ଼ିଆ ଅନୁବାଦ ।

ମହା ମହିମ ଦଲାଇ ଲାମା ତାଙ୍କର ଏହି ଆତ୍ମଜୀବନୀରେ ବର୍ଣ୍ଣନା କରିଛନ୍ତି ତିବ୍ବତ ଜନ ସମାଜର ତାଙ୍କ ପ୍ରତି ଅଧ୍ୟାତ୍ମ୍ୟ ଆବେଗ ଓ ଶ୍ରଦ୍ଧା ସମ୍ମାନର ଅନନ୍ୟ ଅନୁଭୂତି ପ୍ରକାଶ କରିଛନ୍ତି; ପ୍ରକାଶ କରିଛନ୍ତି ରାଷ୍ଟ୍ରମୁଖ୍ୟ ତଥା ଧର୍ମାଧ୍ୟକ୍ଷ ହିସାବରେ ତାଙ୍କର ବହୁବିଧ ଭୂମିକା ସମ୍ପର୍କରେ ତାଙ୍କ ଅନ୍ତରତମ ମନୋଭାବ ଏବଂ ଆଲୋଚନା କରିଛନ୍ତି ତିବ୍ବତୀୟ ବୌଦ୍ଧଧର୍ମର ଦୁଃଖଦୁର୍ଦ୍ଦଶା ଓ ମର୍ମବେଦନା । ତିବ୍ବତର ସ୍ୱାଧୀନତା ସଂଗ୍ରାମ କାଳରେ ସିଆଇଏ ସହିତ ହୋଇଥିବା ଗୁପ୍ତ ବୁଝାମଣା ସମ୍ପର୍କରେ କହିବାକୁ ସେ ଦ୍ୱିଧାବୋଧ କରିନାହାନ୍ତି । ସେ ଜାଣିଥିବା ବିଶ୍ୱର ଅନେକ ରାଷ୍ଟ୍ରନାୟକଙ୍କ ସମ୍ପର୍କରେ ସ୍ୱତଃସ୍ଫୁର୍ତ୍ତ ଭାବରେ କହିଛନ୍ତି ଏବଂ ଜଣେ ବିଶ୍ୱବିଖ୍ୟାତ ଆଧ୍ୟାତ୍ମିକ ଓ ପାର୍ଥିବ ଜନନାୟକଙ୍କ ଦୃଷ୍ଟିକୋଣରୁ ପାଶ୍ଚାତ୍ୟ ଜଗତର ମାନସିକ ଅଶାନ୍ତି ଓ ଅସ୍ୱସ୍ତିର ବିଶ୍ଳେଷଣ କରିଛନ୍ତି । ସଂକ୍ଷେପରେ କହିଲେ, ନିଜର ପାରଧୀନ ମାତ୍ୟଭୂମି ଓ ତାର ଛଅ ନିୟୁତ ଅତ୍ୟାଚାରିତ ତଥା ଅସହାୟ ଦେଶବାସୀଙ୍କ କରୁଣ ଆର୍ତ୍ତ ଚିତ୍କାରରେ ବ୍ୟଥିତ ଓ ଅସ୍ଥିର ଏଡି ବୌଦ୍ଧ ସନ୍ନ୍ୟାସୀଙ୍କର ତ୍ୟାଗପୂତ ଜୀବନ କାହାଣୀ ପାଠକଙ୍କୁ ଭାବବିହ୍ୱଳ କରେ ଏବଂ ସତ୍ୟ, ନ୍ୟାୟ ଓ ମାନବିକ ଅଧିକାର ପାଇଁ ସତତ ସଂଗ୍ରାମରତ ଜଣେ ଅହିଂସାର ପୂଜାରୀଙ୍କ ପ୍ରତି ମନରେ ଅଶେଷ ଶ୍ରଦ୍ଧା, ସମ୍ମାନ ଓ ସତ୍ୟାନୁଭୂତି ଜନ୍ମାଏ ।